# ପ୍ଲାଜମା ଦାନ ନିମନ୍ତେ ଭୁବନେଶ୍ୱର କ୍ୟାପିଟାଲ ହସପିଟାଲରେ ପହଂଚିଲେ ଅନୁଗୋଳ ଜିଲ୍ଲାରୁ ସୁସ୍ଥ ହୋଇଥିବା ୪ ଜଣ ଆକ୍ରାନ୍ତ ।

କରୋନା ମହାମାରୀରେ ଗୁରୁତର ଆକ୍ରାନ୍ତମାନଂକୁ ପ୍ଲାଜମା ଦାନ କରି ସେମାନଂକୁ ଜୀବନ ଦାନ ଦେବା ଉଦ୍ଦେଶ୍ୟରେ ଅନୁଗୋଳ ଜିଲ୍ଲାରୁ ଆଜି ୪ ଜଣ ବଦାନ୍ୟ ବ୍ୟକ୍ତି ଭୁବନେଶ୍ୱର କ୍ୟାପିଟାଲ ହସପିଟାଲରେ ପହଞ୍ଚିଛନ୍ତି । ବଅଁରପାଳ ବ୍ଲକରୁ ୨ ଜଣ, ଆଠମଲ୍ଲିକ ଓ କିଶୋରନଗର ବ୍ଲକରୁ ଜଣେ ଲେଖାଏଁ ଆଜି ପ୍ରଥମ ପର୍ଯ୍ୟାୟ୍‌ରେ ପ୍ଲାଜମା ଦାନ ପୂର୍ବରୁ ସେମାନଂକର ଆନୁସଂଗୀକ ରକ୍ତ ପରିକ୍ଷା କରାଇଛନ୍ତି । ସମସ୍ତଂକ ପାଇଁ ପାନ୍ଥନିବାସରେ ୨ ଦିନ ପାଇଁ ରହିବା ସହ ସମସ୍ତ ପ୍ରକାର ଆନୁସଂଗୀକ ବ୍ୟବସ୍ଥା କରାଯାଇଛି । ପ୍ଲାଜମା ଦାନ ନିମନ୍ତେ ଏହି ୪ ଜଣ କ୍ୟାପିଟାଲ ହସପିଟାଲରେ ପହଂଚିବା ପରେ ରାଜ୍ୟ ବିଜ୍ଞାନ ଓ କାରିଗରୀ,ସାଧାରଣ ଉଦ୍ୟୋଗ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସେମାନଂକୁ ସମ୍ବର୍ଦ୍ଧନା ଜଣାଇବା ସହ ଏହି ମହତ୍ ଓ ମାନବିକତା କାର୍ଯ୍ୟ ପାଇଁ ସାଧୁବାଦ ଜଣାଇଥିଲେ । ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଂକ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ୪ ଜଣ ପ୍ଲାଜମା ଦାନ କରୁଥିବା ବ୍ୟକ୍ତିଂକ ସହିତ ୨ ଜଣ ନୋଡାଲ ଅଫିସରଂକୁ ନିୟୋଜିତ କରାଯାଇଛି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୫୧୧ ତା.୭.୮.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ


ROTARY CLUB OF BHUBANESWAR
R.I.DIST.3260
PROJECT #99-11
HERESIS PROCESS
INAUGURATED BY
THE GOVERNOR OF
M.M.RAJEND
AUGUST 2004